## | ପିକ୍‌ନିକ୍ ସ୍ପଟ୍ |
# 'ଢୁ ଢୁଆ' ଜଳପ୍ରପାତ


'ଢୁ ଢୁଆ' ଜଳପ୍ରପାତ

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରପୂର ଖୋର୍ଦ୍ଧା ଜିଲା। ପାହାଡ଼, ଜଙ୍ଗଲ, ନଦୀ, ଝରଣା, ଆଦିବାସୀ ସଂସ୍କୃତି ଏବଂ ବିଭିନ୍ନ ମନ୍ଦିର ଜିଲାକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଏଠାରେ ରହିଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ତଥା ପିକ୍‌ନିକ ସ୍ପଟଗୁଡ଼ିକ ଜିଲା, ରାଜ୍ୟ, ଦେଶ ସମେତ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏହା ମଧ୍ୟରେ ଅନ୍ୟତମ ହେଲା ଜିଲାର ବାଣପୁର ବ୍ଲକ ନୀଳାଦ୍ରିପ୍ରସାଦ ପଞ୍ଚାୟତ ଅଧୀନ ବରବରା ଜଙ୍ଗଲ ମଧ୍ୟରେ ରହିଥିବା 'ଢୁ ଢୁଆ' ଜଳପ୍ରପାତ। ଲୁକ୍କାୟିତ ହୋଇ ରହିଥିବା ଏହି ଜଳପ୍ରପାତ ସମ୍ପର୍କରେ କିଛିବର୍ଷ ପୂର୍ବେ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ଲୋକଙ୍କଠାରୁ ସୂଚନା ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ବଣଭୋଜି ପାଇଁ ଏହି ସ୍ଥାନ ଅନୁକୂଳ ହୋଇଥିବା ବେଳେ ପ୍ରପାତରେ ଗାଧୋଇବା ମଧ୍ୟ ନିରାପଦ। ପର୍ଯ୍ୟଟକମାନେ ଏଠାକାର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ନିକଟରେ ଥିବା ପ୍ରସିଦ୍ଧ ମା' ବିରଜାଈ ଠାକୁରାଣୀ, ମା' ତାରିଣୀ ପୀଠ ଏବଂ ବାଣପୁରର ମା' ଭଗବତୀଙ୍କ ପୀଠ ଦର୍ଶନ କରିପାରିବେ। ତେବେ ଏହି ଜଳପ୍ରପାତକୁ ପର୍ଯ୍ୟଟକ କିଭଳି ବହୁ ସଂଖ୍ୟାରେ ଆସିପାରିବେ ଏବଂ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

### କେମିତି ଯିବେ

ବାଣପୁରଠାରୁ ୨୦କିଲୋମିଟର ଦୂରରେ ରହିଛି ନୀଳାଦ୍ରିପ୍ରସାଦ ଗ୍ରାମ। ସେଠାରୁ ମା' ବିରଜାଈ ମନ୍ଦିର ରାସ୍ତାରେ ୨କି.ମି. ଅତିକ୍ରମ କଲେ ପଡ଼ିବ ବ୍ରହ୍ମପଦା ପ୍ରାଥମିକ ବିଦ୍ୟାଳୟ। ଉକ୍ତ ବିଦ୍ୟାଳୟ ପାର୍ଶ୍ୱ ଦେଇ ଯାଇଛି ଏକ ମାଟି ରାସ୍ତା। ଏହି ରାସ୍ତାରେ ଏକ କିଲୋମିଟର ଗଲେ ପଡ଼ିବ ଡିମିରି ସାହି। ସାହି ପାର୍ଶ୍ୱ ଦେଇ ପାଦଚଲା ରାସ୍ତାରେ ୫୦ମିଟର ପରେ 'ଢୁ ଢୁଆ' ଜଳପ୍ରପାତରେ ପହଞ୍ଚିପାରିବେ।

– ରିପୋର୍ଟ: ସଂଗ୍ରାମ ପାଇକରାୟ, ବାଲୁଗାଁ

# କାଗଜ କଲମରେ କଳାଗ୍ରାମ

- ଅବହେଳିତ ରାୟନୃସିଂହପୁର
- ଘୋଷଣାରେ ସବୁକିଛି ସୀମିତ
- ବର୍ଷେ ବିତିଲା, ସର୍ଭେ ନୋହିଲା
- ଭତ୍ତା ଅପେକ୍ଷାରେ ବର୍ଷୀୟାନ୍ କଳାକାର

**ସୁଧୀର କୁମାର ପରିଡ଼ା**
**କାମାକ୍ଷାନଗର, ୧୦।୧**

ଘରେ ଘରେ କଳାକାର। କମିନି କଳାର ଆଦର। ପିଢ଼ି ପରେ ପିଢ଼ି ନିଷ୍ଠାପର ଉଦ୍ୟମ ବଳରେ ଗ୍ରାମରେ ଏବେ ବି ସୁରକ୍ଷିତ ଲୁପ୍ତପ୍ରାୟ ଲୋକକଳା। ସେଥିପାଇଁ ସରକାରୀ ନଥିରେ ଲାଗିଛି କଳାଗ୍ରାମର ଟ୍ୟାଗ୍। ହେଲେ କଳାକାରଙ୍କ ବିକାଶ ପାଇଁ କାହାର ଦରଦ ଅଛି ନା ଯୋଜନା। ସବୁ ଅଟକିଛି କାଗଜ କଲମରେ। ଏଭଳି ସ୍ଥିତିରେ କଳାକାର ଗ୍ରାମ ମାନ୍ୟତା ମିଳିବାର ବର୍ଷେ ପରେ ବି ଭାଗ୍ୟ ପରିବର୍ତ୍ତନ ଆଶାରେ ରହିଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରାୟନୃସିଂହପୁର ଗ୍ରାମର ଅନେକ ବର୍ଷୀୟାନ୍ କଳାକାର।

କଳାକାର ଥିବେ। କଳାର ଆଦର ଥିବ ଏବଂ କଳାର ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମି ଥିବ। ପ୍ରତି ଜିଲାରୁ ଏଭଳି ଏକ ଗ୍ରାମକୁ ଚୟନ କରି କଳାକାର ଗ୍ରାମର ମାନ୍ୟତା ଦିଆଯାଇଛି। ତଦନୁଯାୟୀ କାମାକ୍ଷାନଗର ବ୍ଲକ ରାୟନୃସିଂହପୁର ଗ୍ରାମକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ୨୦୧୯ ଅକ୍ଟୋବର ୨ରେ କଳାକାର ଗ୍ରାମ ଭାବେ ଘୋଷଣା କରାଯାଇଥିଲା। ଉଦ୍ଦେଶ୍ୟ ଥିଲା କଳାକାରଙ୍କୁ ସଙ୍ଗଠିତ କରି କଳାର ପ୍ରଚାର ପ୍ରସାର କରିବା। ହେଲେ ମାନ୍ୟତା ମିଳିବାର ବର୍ଷେରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପ୍ରଶାସନର ନଜର ଆଢୁଆଳରେ ରହିଯାଇଛି ରାୟନୃସିଂହପୁର ଗ୍ରାମ ଏବଂ ଏହାର କଳାକାର।

ଗ୍ରାମରେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ବାସ କରନ୍ତି। ଲଉଡ଼ିବାଡ଼ି ଖେଳ, ଦଣ୍ଡନୃତ୍ୟ ଭଳି ଅନେକ ଲୋକନୃତ୍ୟ ପାଇଁ ରାୟନୃସିଂହପୁର ଜିଲାରେ ନାଁ କରିଛି। ପର୍ବପର୍ବାଣି, ମେଳା, ମହୋତ୍ସବ ସମେତ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ କଳାକାରଙ୍କୁ ଲୋକକଳା ପ୍ରଦର୍ଶନ କରିବାର ସୁଯୋଗ ମିଳିଥାଏ। ଆଶାନୁରୂପକ ପାରିଶ୍ରମିକ ମିଳୁ ନ ଥିଲେ ମଧ୍ୟ ବର୍ଷୀୟାନ କଳାକାରମାନେ କୌଳିକ ପରମ୍ପରାକୁ ସମ୍ମାନ ଜଣାଇ ଏହାକୁ ଜାରି ରଖିଛନ୍ତି। ସେହିପରି ରାୟନୃସିଂହପୁର ପଞ୍ଚାୟତ ଅଞ୍ଚଳରେ ବାଉଁଶଶିଳ୍ପ କାରିଗରି ଲାଗି ଆବଶ୍ୟକ ଭିତ୍ତିଭୂମି ରହିଛି। ବାଉଁଶ ନିର୍ମିତ ଟେବୁଲ, ଚେୟାର, ସୌଖିନ ଘରକରଣା ନିର୍ମାଣ କରି କେତେକ ପରିବାର ଜାତୀୟସ୍ତରରେ ସୁନାମ ଅର୍ଜିଛନ୍ତି। ଏସବୁକୁ ଦେଖିଲେ ସରକାରଙ୍କ କଳାଗ୍ରାମ ମାନ୍ୟତା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ହେଲେ ଅଞ୍ଚଳର କଳା, ଶିଳ୍ପ, କାରିଗରିର ବିକାଶ ଲାଗି ଆନ୍ତରିକତା ପ୍ରକାଶ ପାଉନାହିଁ। ଅଦ୍ୟାବଧି କଳାକାରଙ୍କ ସର୍ଭେ ହୋଇନାହିଁ। ପରିଣତ ବୟସରେ ପହଞ୍ଚିଥିବା ଅନେକ ବରିଷ୍ଠ କଳାକାର ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ଗ୍ରାମରେ କଳା ପ୍ରଦର୍ଶନ ଲାଗି ସରକାରୀସ୍ତରରେ ଯେଉଁସବୁ ବ୍ୟବସ୍ଥା ହେବା କଥା ତାହା ବି କରାଯାଉନାହିଁ, ଯାହାକୁ ନେଇ ଶିଳ୍ପୀଙ୍କ ମଧ୍ୟରେ ନିରାଶାଭାବ ସୃଷ୍ଟି ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ କଳାକାର ପରିବାର ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ସଂସ୍କୃତି ଅଧିକାରୀ ଶୁକ୍ଳ ସ୍ୱାଇଁ କୁହନ୍ତି, ରାୟନୃସିଂହପୁରକୁ କଳାକାର ଗ୍ରାମ ଭାବେ ଘୋଷଣା କରାଯିବା ପରେ ସଭା କରାଯାଇଥିଲା। ସେଠାରେ ଅନେକ କାମ ବାକି ରହିଛି। କରୋନା କାରଣରୁ ବର୍ଷେ ପଛକୁ ଫେରିଯାଇଛୁ। ଗ୍ରାମର ସୌନ୍ଦର୍ଯ୍ୟକରଣ ଲାଗି କଳାକାର ତୋରଣ ମଣ୍ଡପ ତିଆରି କରାଯିବ। ସେଠାରେ କଳାର ପ୍ରଦର୍ଶନ ହେବ। ନୂତନ କଳାକାର ସୃଷ୍ଟି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ଏଥିଲାଗି କାମ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଗ୍ରାମର ରୂପରେଖ ବଦଳିବ ବୋଲି ସଂସ୍କୃତି ଅଧିକାରୀ ସୂଚନା ଦେଇଛନ୍ତି।


କଳାକାରମାନେ ଲଉଡ଼ି ଖେଳ ପ୍ରଦର୍ଶନ କରୁଛନ୍ତି।

### ପ୍ରଚାରରେ ସୀମିତ



ବାଉଁଶ ହସ୍ତଶିଳ୍ପ କାରିଗରିରେ ଜୀବନ କଟିଗଲା। ନିଜସ୍ୱ ଉଦ୍ୟମରେ ଏଭଳି ଏକ ଲୁପ୍ତପ୍ରାୟ କଳାକୁ ବଞ୍ଚାଇ ରଖିପାରିଛୁ। ସରକାରୀସ୍ତରରେ ସାମାନ୍ୟ ସହଯୋଗ ମିଳିଲେ ଏହାର ପ୍ରଚାର ପ୍ରସାର ହୋଇପାରିବ। ହେଲେ କଳାଗ୍ରାମ କେବଳ ଘୋଷଣାରେ ସୀମିତ। ପ୍ରୋତ୍ସାହନ କି ପ୍ରମାଣପତ୍ର କିଛି ନାହିଁ। ଏହାର ପ୍ରକୃତ ଉଦ୍ଦେଶ୍ୟ କ'ଣ ଜାଣିପାରିଲୁ ନାହିଁ।

- ଭାଗୀରଥି ଦାସ, ବାଉଁଶ ହସ୍ତଶିଳ୍ପ କାରିଗର

### କରତାଳି ଛଡ଼ା କିଛି ମିଳିନାହିଁ



ରାୟନୃସିଂହପୁର ଲଉଡ଼ିବାଡ଼ି ଖେଳ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କୌଳିକ ପରମ୍ପରାକୁ ସମ୍ମାନ ଜଣାଇ ବହୁ ପରିବାର ଏହି ଲୋକନୃତ୍ୟ ସହିତ ଜଡ଼ିତ। ହେଲେ ଦର୍ଶକଙ୍କ କରତାଳି ଛଡ଼ା କଳାକାରଙ୍କୁ କିଛି ମିଳିନାହିଁ। କଳାଗ୍ରାମ ଘୋଷଣା ହେଲା ପରେ କଳାକାରଙ୍କ ଉନ୍ନତି ହେବ ଏବଂ କିଛି ନ ହେଲେ ବୟସର ଉପାନ୍ତରେ ଭତ୍ତା ମଧ୍ୟ ମିଳିବ ବୋଲି ଆଶାଥିଲା।

- ଶଙ୍କର୍ଷଣ ଚୌଧୁରୀ, ଲଉଡ଼ିବାଡ଼ି କଳାକାର

### ମାନ୍ୟତା ମିଳିଲେ କଳା ବଞ୍ଚିବ



ଗ୍ରାମର ଦଣ୍ଡନୃତ୍ୟର ଆଦର ରହିଛି। ପାରିଶ୍ରମିକ ସାଙ୍ଗକୁ ମାନ୍ୟତା ମିଳୁ ନ ଥିବାରୁ ନୂଆ କଳାକାର ବାହାରୁନାହାନ୍ତି। ହାତଗଣତି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଏହା ବଞ୍ଚିଛି। କଳାକାର ଗ୍ରାମ ଘୋଷଣା ହେବା ପରେ ଦଣ୍ଡନୃତ୍ୟକୁ ନୂଆଦିଗ ମିଳିବ ବୋଲି ଆଶା ଥିଲା। କଳାକାରଙ୍କୁ ଉପଯୁକ୍ତ ମାନ୍ୟତା ଦିଆଗଲେ ଏହାର ପୁନରୁଦ୍ଧାର ହୋଇପାରନ୍ତା।

- କାଳିନ୍ଦୀ ସେନାପତି, ଦଣ୍ଡନୃତ୍ୟ କଳାକାର

### ଆଶାବାଦୀ ହୋଇ ରହିଛୁ



ରାୟନୃସିଂହପୁରକୁ କଳାକାର ଗ୍ରାମ ଘୋଷଣା କରାଯିବା ପରେ ପଞ୍ଚାୟତକୁ ସ୍ୱଳ୍ପ ପରିମାଣର ଅନୁଦାନ ଆସିଥିଲା। ଉକ୍ତ ଅର୍ଥରେ ସ୍ଥାନୀୟ ଜନପ୍ରତିନିଧି, ଜିଲା ପ୍ରଶାସନିକ ଅଧିକାରୀ, ଅଞ୍ଚଳର କଳାକାରଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଇତିମଧ୍ୟରେ ବର୍ଷେ ବିତିଗଲାଣି। ଅନୁଦାନ ଆସିନି କି କଳାକାର ତାଲିକା ହୋଇନାହିଁ। ଅନେକ ବରିଷ୍ଠ କଳାକାର ଭତ୍ତାରୁ ବଞ୍ଚିତ। ତଥାପି ଆଶାବାଦୀ ହୋଇ ରହିଛୁ।

- ଶିଶିରକାନ୍ତ ବେହେରା, ରାୟନୃସିଂହପୁର ସରପଞ୍ଚ

### ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଛି



କଳାକାର ଏବଂ ସରକାରଙ୍କ ଭିତରେ ସମନ୍ୱୟ ରଖିବା ଲାଗି ଜିଲା କଳାସଂସ୍କୃତି ସଂଘ ଗଠନ କରାଯାଇଛି। ଆବଶ୍ୟକ ଭିତ୍ତିଭୂମି ଥିବାରୁ ରାୟନୃସିଂହପୁର ଗ୍ରାମକୁ କଳାଗ୍ରାମ ଘୋଷଣା କରାଯାଇଛି। କରୋନା ଯୋଗୁ କାମ ଧିମେଇଥିଲା। ସର୍ଭେ କରି ରିପୋର୍ଟ ଦେବାକୁ ନିକଟରେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ତ୍ୱରାନ୍ୱିତ କରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।

- ଅବନୀ ମିଶ୍ର, ଜିଲା କଳାକାର ସଂଘ ଉପସଭାପତି

# ମହିଳାଙ୍କୁ ବଳାତ୍କାର ଅଭିଯୋଗ, ଜଣେ ଗିରଫ

**ବଇଣ୍ଡା, ୧୦।୧(ଡି.ଏନ୍.ଏ.)**

ହଣ୍ଡପା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଣିନାଳୀ ଅଞ୍ଚଳର ଦଣ୍ଡୁଆ ଚିରିଗୁଣି ବଳାତ୍କାର କରିଥିବା ଶନିବାର ଅଭିଯୋଗ ହୋଇଛି। ସମ୍ପୃକ୍ତା ମହିଳା ଜଣକ ଘରେ ଥିବାବେଳେ ବିଳମ୍ବିତ ରାତିରେ ଦଣ୍ଡୁଆ ଜବରଦସ୍ତ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଯୋଗକୁ ଭିତ୍ତିକରି ନଂ. ୫/୨୧ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ସଂକ୍ଷେପରେ

### ୨ ମହିଳାଙ୍କୁ ଆକ୍ରମଣ

**ବଇଣ୍ଡା, ୧୦।୧(ଡି.ଏନ୍.ଏ.):** ଠାକୁରଗଡ଼ ଥାନା କୃତ୍ତିବାସପୁର ଗ୍ରାମର ସୌଦାମିନୀ ମିଶ୍ର ଏବଂ ସଂଯୁକ୍ତା ରଣାଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ଶରତ ସାହୁ, ରୀନା ସାହୁ, ହେମନ୍ତ ସାହୁ, କଳିଙ୍ଗ ସାହୁ ଶୁକ୍ରବାର ରାତିରେ ମାଡ଼ ମାରିଥିବା ଉଭୟେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୯/୨୧ ଓ ୧୦/୨୧ରେ ମାମଲା ରୁଜୁ ହୋଇଛି।

### ବୃଦ୍ଧଙ୍କ ଆତ୍ମହତ୍ୟା

**ବଣ୍ଠରପାଳ, ୧୦।୧(ଡି.ଏନ୍.ଏ.):** ନାଲ୍‌କୋ ଥାନା ସୁନିଆମୁଣ୍ଡା ଗ୍ରାମରେ ରହୁଥିବା ପୀତବାସ ପ୍ରଧାନ (୬୦) ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୀତବାସଙ୍କ ନିଜ ଘର ଢେଙ୍କାନାଳ ଜିଲା ଗଁଦିଆ ଅଞ୍ଚଳରେ। ସେ ଦୀର୍ଘଦିନ ହେଲା ସୁନିଆମୁଣ୍ଡାସ୍ଥିତ ଝିଅଜ୍ୱାଇଁଙ୍କ ପାଖରେ ରହୁଥିଲେ। ଶନିବାର ସନ୍ଧ୍ୟାରେ ସେ ଘରଛାଡ଼ି ପଳାଇଯାଇଥିଲେ। ରବିବାର ଘରଠାରୁ ୧ କିମି ଦୂର ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ଥାନାକୁ ସୂଚନା ଦେଇଥିଲେ। ନାଲ୍‌କୋ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

### ଶିକାର ଫାଶ ଜୀବନ ନେଲା

**ହିନ୍ଦୋଳ, ୧୦।୧(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ଦୁଦୁରୁକୋଟ ଗ୍ରାମ ନିକଟରେ ଶିକାର ଉଦ୍ଦେଶ୍ୟରେ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିମୀ ଥାନା ଅନ୍ତର୍ଗତ ଦୁଦୁରୁକୋଟ ଗ୍ରାମର ସୁଶାନ୍ତ ସାମଲ (୩୨)। ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ଏହି ଘଟଣା ଘଟିଛି। ଖବର ଲେଖାଯିବା ଯାଏ ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅନ୍ୟପକ୍ଷରେ ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗିରହିଛି।

# ମାଟି ତଳୁ ମୃତଦେହ ଜବତ

- ଭଉଣୀ ଆଣିଲେ ହତ୍ୟା ଅଭିଯୋଗ
- ୪ ସମ୍ପର୍କୀୟ ଅଟକ, ପୋଲିସର ତଦନ୍ତ

**କଣିହାଁ, ୧୦।୧(ଡି.ଏନ୍.ଏ.)**

ଅନୁଗୋଳ ଜିଲା କଣିହାଁ ଥାନା କୁମୁଣ୍ଡା ପଞ୍ଚାୟତ ଚିତ୍ତଲପୁର ଗ୍ରାମର ଲକ୍ଷ୍ମଣ ଗୋଚ୍ଛାୟତ (୨୮)ଙ୍କ ମୃତଦେହ ରବିବାର ମାଟି ତଳୁ ପୋଲିସ ଜବତ କରିଛି। ହତ୍ୟାପରେ ପରିବାର ଲୋକ ମୃତଦେହ ପୋତି ଦେଇଥିବା ଲକ୍ଷ୍ମଣଙ୍କ ଭଉଣୀ ଝିଲ୍ଲୀ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୧୩/୨୧ରେ ମାମଲା ରୁଜୁ କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ପାଲଲହଡ଼ା ଏସ୍‌ଡିପିଓ ସୁମନ ରଞ୍ଜିତା ସିଂଙ୍କ ନେତୃତ୍ୱରେ ୪ ଜଣଙ୍କୁ ଥାନାରେ ଅଟକ ରଖି ଜେରା ଚାଲିଥିବା ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, କୌଣସି କାରଣରୁ ଶୁକ୍ରବାର ସ୍ତ୍ରୀ ଏବଂ ମା'ଙ୍କ ସହ ଝଗଡ଼ା ଲାଗି ଲକ୍ଷ୍ମଣ ଘରୁ ପଳାଇଥିଲେ। ବିଳମ୍ବିତ ରାତିରେ ଘରକୁ ଆସି ପୁଣି ଗଣ୍ଡଗୋଳ କରିଥିଲେ। ଏହାକୁ ନେଇ ମାରପିଟ୍ ହୋଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ମୃତକଙ୍କ ବିବାହିତା ଭଉଣୀ ଝିଲ୍ଲୀ କୌଣସି ସୂତ୍ରରୁ ଖବର ପାଇ ଶନିବାର ଘରକୁ ଆସି ଭାଇଙ୍କୁ ଖୋଜିଥିଲେ। ପରିବାରବର୍ଗ ଠିକ୍ ସୂଚନା ନ ଦେବାରୁ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ମାଜିଷ୍ଟ୍ରେଟ୍ ତଥା ବିଡିଓ ରମେଶ ଚନ୍ଦ୍ର ଜେନାଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହାର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ


ସମ୍ମିଳନୀରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

**ବଇଣ୍ଡା, ୧୦।୧(ଡି.ଏନ୍.ଏ.)**

କିଶୋରନଗର ବ୍ଲକ ତାଳପଦର ଗ୍ରାମରେ ରବିବାର ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇଥିଲେ। ବିଜେଡି ଏକ ବୃହତ୍ ଆଞ୍ଚଳିକ ଦଳ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟର ବିକାଶମୂଳକ କାର୍ଯ୍ୟ ଜାରିରହିଛି। ତୃଣମୂଳସ୍ତରରୁ ସଙ୍ଗଠନକୁ ଆହୁରି ମଜଭୁତ୍ କରିବା ପାଇଁ ବିଧାୟକ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୋଳ ଯୁବ ବିଜେଡି ଉପସଭାପତି ଜିତେନ୍ଦ୍ର କୁମାର ସାହୁ, ଜିଲା ସାଧାରଣ ସମ୍ପାଦକ ତାପସ ସାହୁ, ସୁଶାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ନିୟମ ପରଖିଲେ ନୋଡାଲ ଅଧିକାରୀ

**ଢେଙ୍କାନାଳ ଅଫିସ, ୧୦।୧**

ଗଣଶିକ୍ଷା ବିଭାଗର ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ରତିକାନ୍ତ ମହାପାତ୍ର ନୋଡାଲ ଅଧିକାରୀ ଭାବେ ରବିବାର ଢେଙ୍କାନାଳ ଜିଲାର ବିଭିନ୍ନ ହାଇସ୍କୁଲ ପରିଦର୍ଶନ କରି କୋଭିଡ୍-୧୯ ନିୟମ ପରଖିଛନ୍ତି।

ଢେଙ୍କାନାଳ ସୁନ୍ଦରିଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କାଇମାଟି ହାଇସ୍କୁଲ, ଦେଓଗାଁ ଚନ୍ଦ୍ରଶେଖରଜୀଉ ହାଇସ୍କୁଲ, ବିଧାରପୁର ଆଞ୍ଚଳିକ ହାଇସ୍କୁଲ, ଗଁଦିଆ ହାଇସ୍କୁଲ, ଭୁବନ ହାଇସ୍କୁଲ, କାମାକ୍ଷାନଗର କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲ ଏବଂ ସାରଙ୍ଗଧର ହାଇସ୍କୁଲ ପରିଦର୍ଶନ କରିଥିଲେ। ସ୍କୁଲ ଖୋଲିବା ପରେ କିପରି ପାଠପଢ଼ା ଚାଲିଛି ଏବଂ ସରକାରୀ ଗାଇଡ୍ ଲାଇନ୍ କାର୍ଯ୍ୟକାରୀ ହେଉଛି, ତାହା ପଚାରି ବୁଝିଥିଲେ। ସାମାଜିକ ଦୂରତ୍ୱ ରକ୍ଷା, ସାନିଟାଇଜେଶନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କାଇମାଟି ହାଇସ୍କୁଲ ନିକଟ ଜିଲା ମଙ୍ଗଳ ବିଭାଗର ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ପରିଦର୍ଶନ କରି ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି, ବିଜ୍ଞାନ ପର୍ଯ୍ୟବେକ୍ଷକ ଅଶୋକ କୁମାର ପଣ୍ଡା ଉପସ୍ଥିତ ଥିଲେ।


ନୋଡାଲ ଅଫିସର ଭୁବନ ହାଇସ୍କୁଲ ପରିଦର୍ଶନ କରୁଛନ୍ତି।

# ଆଜି ପରୀକ୍ଷା ଦେବ ଜିଲା ଚିକିତ୍ସାଳୟ

- ଆଜି ଅନୁଗୋଳ ଆସୁଛନ୍ତି କାୟାକଳ୍ପ ଟିମ୍
- ପରଖିବେ ମେଡିକାଲ ବାତାବରଣ

**ଅନୁଗୋଳ ଅଫିସ, ୧୦।୧**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସୋମବାର ପରୀକ୍ଷା ଦେବ। ଗତବର୍ଷ କାୟାକଳ୍ପରେ ପ୍ରଥମ ସ୍ଥାନ ହାସଲ କରିଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟସ୍ତରରେ ଜିଲାର ଗୌରବ ବଢ଼ାଇଥିବାବେଳେ ପୁଣିଥରେ ଏହାର ସମୀକ୍ଷା କରାଯିବ। ତେବେ ଚଳିତବର୍ଷ ଏଥିଲାଗି ବିଭାଗର ତତ୍ପରତା ଦୃଶ୍ୟମାନ ହେଉ ନ ଥିବାବେଳେ ପୁଣି ଥରେ ଜିଲା ମେଡିକାଲ ପ୍ରଥମ ସ୍ଥାନ ହାସଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ମେଡିକାଲ କର୍ତ୍ତୃପକ୍ଷ।

କାୟାକଳ୍ପରେ ଅନୁଗୋଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଗତବର୍ଷ ଶ୍ରେଷ୍ଠ ସ୍ଥାନ ହାସଲ କରିଥିଲା। ଏଥିପୂର୍ବରୁ ଗତ ଡିସେମ୍ବରରେ ଏକ ଟିମ୍ ଆସି ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ମାନ ପରୀକ୍ଷାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୦ରୁ ମିଳିଥିଲା ୧୬ ମାର୍କ। ଲାଗି ରହିଥିବା କେତେକ ସମସ୍ୟାର ସମାଧାନ କରିବାକୁ ଉକ୍ତ ଟିମ୍ ପରାମର୍ଶ ଦେଇଥିଲା। ସୋମବାର ରାଜ୍ୟସ୍ତରୀୟ ଟିମ୍ ଏହାର ନୀରିକ୍ଷଣ କରିବାକୁ ଆସୁଛନ୍ତି। ମେଡିକାଲର ସୌନ୍ଦର୍ଯ୍ୟକରଣ, ପରିମଳ, ରକ୍ଷଣାବେକ୍ଷଣା, ପ୍ରସୂତି ବିଭାଗରେ ସଂକ୍ରମଣ ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା, ରୋଗୀଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟ, ୫-ଟି କିଭଳି କାର୍ଯ୍ୟ କରୁଛି ସେସବୁ ପରଖାଯିବ। ଏହାପରେ ଚୂଡ଼ାନ୍ତ ମାର୍କ ପ୍ରଦାନ କରାଯିବ।

କାୟାକଳ୍ପ ଟିମ୍ ଆସିବା ପୂର୍ବରୁ ଜିଲା ଚିକିତ୍ସାଳୟର ବିଭିନ୍ନ ସ୍ଥାନରେ ଫୁଲକୁଣ୍ଡ ରଖାଯାଇଛି। ରଙ୍ଗବେରଙ୍ଗ ଆଲୋକମାଳାରେ ସଜାଯାଇଛି। ରୋଗୀଙ୍କ ଅପେକ୍ଷା କରିବାକୁ ସେଡ୍ ସହ ପାର୍କିଂ ବ୍ୟବସ୍ଥା ହୋଇଛି। ମେଡ଼ିକାଲ କାନ୍ଥରେ ଚିତ୍ର ଅଙ୍କାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏସବୁ ବ୍ୟବସ୍ଥା ଆଧାରରେ ପୁଣିଥରେ ଜିଲା ଚିକିତ୍ସାଳୟ ପ୍ରଥମ ହେବ ବୋଲି ମେଡିକାଲ କର୍ତ୍ତୃପକ୍ଷ ଆଶାବାଦୀ ଅଛନ୍ତି। କିନ୍ତୁ ମେଡ଼ିକାଲ ପଛପାର୍ଶ୍ୱ ଫାଟକରେ ଥିବା ଖାଦ୍ୟ ଷ୍ଟଲ୍, ଠେଲା ଦୋକାନୀଙ୍କୁ ରବିବାର ସନ୍ଧ୍ୟା ସୁଦ୍ଧା ଉଠାଯାଇନାହିଁ। ସେହିପରି ଗତବର୍ଷ କାୟାକଳ୍ପରେ ମିଳିଥିବା ପୁରସ୍କାର ବାବଦ ଅର୍ଥ ରାଶି କର୍ମଚାରୀଙ୍କୁ ବିଳମ୍ବରେ ପ୍ରଦାନ କରାଯାଇଥିଲା, ଯାହା କର୍ମଚାରୀଙ୍କ ମହଲରେ ଅସନ୍ତୋଷ ଭରିଥିଲା। ତେଣୁ ସେମାନେ ପୂର୍ବଭଳି କାର୍ଯ୍ୟରେ ତତ୍ପରତା ଦେଖାଇ ନ ଥିଲେ। ଅର୍ଥରାଶି ପ୍ରଦାନ କରି ସମସ୍ୟା ସୁଧାରିବା ବେଳକୁ ସମୟ ହାତରୁ ଚାଲିଯାଇଥିବା ଚର୍ଚ୍ଚା ହେଉଛି।

ଏ ସଂକ୍ରାନ୍ତରେ ଚିକିତ୍ସାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସୋମବାର କାୟାକଳ୍ପ ଟିମ୍ ଆସୁଛନ୍ତି। ସେମାନେ ଆସିବା ପୂର୍ବର ଆବଶ୍ୟକ ପ୍ରକ୍ରିୟା ଶେଷ ହୋଇଛି। କେତେ ନମ୍ବର ପ୍ରଦାନ କରିବେ, ତାହା ସେମାନଙ୍କ ହାତର କଥା। ଆମେ ପୁଣି ୧ନଂ. ହେବୁ ବୋଲି ଆଶାବାଦୀ ଅଛୁ।


ଜିଲା ମୁଖ୍ୟ ଚିକିତ୍ସାଳୟ ପାଚେରି ସୌନ୍ଦର୍ଯ୍ୟକରଣ କରାଯାଉଛି।

## ସଂକ୍ଷେପରେ

### ୯ କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୋଲିସ

**ଅନୁଗୋଳ ଅଫିସ, ୧୦।୧:** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଅନୁଗୋଳ ଗସ୍ତରେ ଆସିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦେଖି ଅନୁଗୋଳ ପୋଲିସ ୯ ଜଣ କଂଗ୍ରେସ କର୍ମକର୍ତ୍ତାଙ୍କୁ ପୂର୍ବାହ୍ନରେ ଉଠାଇ ନେଇଥିଲା। କେନ୍ଦ୍ରମନ୍ତ୍ରୀ ଅନୁଗୋଳ ଗସ୍ତ ସାରି ସନ୍ଧ୍ୟାରେ ଯିବା ପରେ ସେମାନଙ୍କୁ ପିଆର ବଣ୍ଡରେ ଛଡ଼ାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଅନୁଗୋଳ ଜିଲାରୁ ୧୭ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୦।୧:** ଅନୁଗୋଳ ଜିଲାରୁ ରବିବାର ୧୭ କରୋନା ପଜିଟିଭ୍ ରୋଗୀ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ହଜାର ୬୪ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଅନୁଗୋଳ ପୌରାଞ୍ଚଳରୁ ସର୍ବାଧିକ ୭ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ବଅଁରପାଳ ବ୍ଲକରୁ ୫, ଅନୁଗୋଳ ବ୍ଲକରୁ ୨, ଛେଣ୍ଡିପଦା ବ୍ଲକରୁ ୨ ଏବଂ ତାଳଚେର ବ୍ଲକରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରୁ ୨୪ ଜଣ କରୋନା ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ସୁରକ୍ଷା କର୍ମୀଙ୍କଠାରୁ ବାଇକ୍, ମୋବାଇଲ ଲୁଟ୍

**ବାରିପଦା ଅଫିସ,୧୦।୧:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ସାତମହଲା ଡାକ୍ତରଖାନା ନିକଟ ଦିଶା କମ୍ପାନୀର ସୁରକ୍ଷା କର୍ମୀଙ୍କଠାରୁ ବାଇକ୍ ଓ ମୋବାଇଲ ଲୁଟ୍ ହୋଇଛି। ଏ ନେଇ ସୁରକ୍ଷା କର୍ମୀ ବୈଦ୍ୟନାଥ ମହାନ୍ତଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୪୧/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗରୁ ପ୍ରକାଶ ଯେ, ସ୍ଥାନୀୟ ମେଡିକାଲ ନିକଟସ୍ଥ ଘର ନିର୍ମାଣ କାମରେ ଡ୍ୟୁଟି କରୁଥିବା ବୈଦ୍ୟନାଥଙ୍କୁ ଦୁଇ ଅଜଣା ଯୁବକ ବସ୍‌ଷ୍ଟାଣ୍ଡରେ ଛାଡ଼ିବାକୁ କହିଥିଲେ। ଶନିବାର ସକାଳ ସାଢ଼େ ୬ଟା ବେଳେ ସେମାନଙ୍କୁ ନେଇ ବାଇକ୍‌ରେ ଯାଉଥିବା ସମୟରେ ଗାଡ଼ିରେ ତେଲ ସରିଯାଇଥିଲା। ଦୁଇ ଯୁବକ ତେଲ ପକାଇବେ ବୋଲି କହି ତାଙ୍କଠାରୁ ଗାଡ଼ି ଓ ମୋବାଇଲକୁ ଚଞ୍ଚକତା ପୂର୍ବକ ନେଇ ଫେରାର ହୋଇଯାଇଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଲୁଟେରା କିମ୍ବା ଲୁଟ୍ ହୋଇଥିବା ବାଇକ୍ ଓ ମୋବାଇଲ ସମ୍ପର୍କରେ କୌଣସି ସୂଚନା ମିଳି ନ ଥିବା ଜଣାପଡ଼ିଛି।

# ପେଟ ପାଇଁ ରାଜସ୍ଥାନରୁ କେନ୍ଦୁଝରରେ

**କେନ୍ଦୁଝର, ୧୦।୧(ସ୍ୱ.ପ୍ର.)**

ପେଟପାଟଣା ପାଇଁ ଛୁଟି ଆସିଛନ୍ତି ସୁଦୂର ରାଜସ୍ଥାନରୁ। କେନ୍ଦୁଝରରେ ରହି ବେଶ୍ କିଛି ରୋଜଗାର କରି ପରିବାର ଚଳାଉଛନ୍ତି। ଏଭଳି ଜଣେ ଯୁବକ ହେଉଛନ୍ତି ମହମ୍ମଦ ଅଜିଜ। ସେ ତିନି ମାସ ହେଲା କେନ୍ଦୁଝର ଆସିଛନ୍ତି। ନିଜର କୌଳିକ ବୃତ୍ତି ଗାଡି ସାଜସଜା କାମ କରିଥାନ୍ତି। ପୂର୍ବରୁ ଖଡଗପୁରରେ ଏହି କାମ କରୁଥିଲେ। କିନ୍ତୁ କେନ୍ଦୁଝରରେ ତାଙ୍କର ସମ୍ପର୍କୀୟ ମାନେ ଦୀର୍ଘ ୧୫ ବର୍ଷ ହେଲା ରହି କୌଳିକ ବୃତ୍ତି ଗାଡି ସାଜସଜା ସାମଗ୍ରୀ ବିକି ଓ ସଜେଇ ଚଳିଆସୁଛନ୍ତି।

କେନ୍ଦୁଝର ବାଇପାସ (ଏନ୍‌ଏଚ୍୨୦) ରେ ସେ ଗ୍ରାହକ ଅର୍ଥାତ ଟ୍ରକ ଅପେକ୍ଷାରେ ରହିଥାନ୍ତି। ଗାଡ଼ି ବିଶେଷ କରି ଟ୍ରକ୍‌କୁ ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗର ଫୁଲ, ଝାଲର, ପରଦା ଆଦି ସଜେଇ ଦୁଇ ପଇସା ରୋଜଗାର



ସାଜସଜ୍ଜା ଉପକରଣ ସହ ମହମ୍ମଦ ଅଜିଜ।

କରିଥାନ୍ତି। ୧୦୦ ଟଙ୍କାରୁ ୧୩୦୦ ଟଙ୍କା ପର୍ଯ୍ୟନ୍ତ ଗୋଟିଏ ଗୋଟିଏ ଗାଡି ବିଶେଷ କରି ଟ୍ରକ ସଜେଇ ରୋଜଗାର କରିଥାନ୍ତି। ଡ୍ରାଇଭର ମାନେ ନିଜର ଆର୍ଥିକ କ୍ଷମତା ଅନୁଯାୟୀ ଖର୍ଚ୍ଚ କରିଥାନ୍ତି। ଏଣୁ ନିଜର ସମ୍ବଳ ମୁତାବକ ୧୦୦ ଟଙ୍କାରୁ ଆରମ୍ଭ କରି ଖର୍ଚ୍ଚ କରିଥାନ୍ତି ବୋଲି ଅଜିଜ କୁହନ୍ତି। ଗୋଟିଏ ଟ୍ରକ୍‌କୁ ପୁରା ସଜେଇବାକୁ ୧୩୦୦ ଟଙ୍କା ଖର୍ଚ୍ଚ ହୋଇଥାଏ।

ଏଣୁ ଦିନକୁ କେତେବେଳେ ୫୦୦ ଟଙ୍କା ତ କେତେବେଳେ ୨୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଥାନ୍ତି ବୋଲି କୁହନ୍ତି। ଏହା ତାଙ୍କର କୌଳିକ ବୃତ୍ତି। ତାଙ୍କ ଗାଁରେ ବହୁ ପରିବାର ଏହି କାମ କରନ୍ତି ଏବଂ ତାଙ୍କ ଭଳି ଦେଶର ବିଭିନ୍ନ ସ୍ଥାନକୁ ଯାଇ ପେଟ ପାଇଁ ଏହି ବୃତ୍ତି କରୁଥିବା ଏମଡି ଫିରୋଜ କୁହନ୍ତି। ଏଥିପାଇଁ ବନାରସରୁ ସରଞ୍ଜାମ କିଣି ଆଣି ଏଠାରେ ପ୍ରସ୍ତୁତ କରିଥାନ୍ତି। ଅନେକ ସାମଗ୍ରୀ ସିଧାସଳଖ କିଣି ଆଣି ବ୍ୟବହାର କରିଥାନ୍ତି।

ସକାଳ ହେଲେ ଘର ବାଇକ୍‌ରେ ସାମଗ୍ରୀ ଧରି ବାହାରି ଯାଆନ୍ତି ଜାତୀୟ ରାଜପଥ ୨୦ ଓ ୪୯ କଡକୁ। ସେଠାରେ ଦିନ ତମାମ ବିକି ସନ୍ଧ୍ୟାରେ ଫେରନ୍ତି। କେନ୍ଦୁଝର ଜିଲାରେ ଖଣିଖାଦାନ ଯୋଗୁ ହଜାର ହଜାର ସଂଖ୍ୟାରେ ଟ୍ରକ ଚଳାଚଳ କରିଥାଏ। ସେହିପରି ଏହି ଜିଲା ଦେଇ ଦୁଇଟି ବ୍ୟସ୍ତ ବହୁଳ ରାଜପଥ ରାଜାମୁଣ୍ଡା-ପାଣିକୋଇଲି ଓ ମୁମ୍ବାଇ-କଲିକତା ରାଜପଥ ଯାଇଥିବାରୁ ବହୁ ସଂଖ୍ୟାରେ ଟ୍ରକ, ଟ୍ରେଲର ଆଦି ଚଳାଚଳ କରିଥାଏ। ଏଣୁ ସେ ଦୃଷ୍ଟିରୁ ଏହି ଜିଲା ସେମାନଙ୍କ ଭଳି ଅନେକଙ୍କ ପାଇଁ ପେଟପାଟଣା ମାଧ୍ୟମ ପାଲଟିଛି।

# ୨୫୧ ୟୁନିଟ୍ ରକ୍ତ ସଂଗ୍ରହ



କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ବିଜେଡି ନେତୃବୃନ୍ଦ।

**କାମାକ୍ଷାନଗର, ୧୦।୧(ଡି.ଏନ.ଏ.)**

କାମାକ୍ଷାନଗର ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ୨୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ବିଧାୟିକା ସୀମାରାଣୀ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ଜିଲା ଯୁବ ବିଜେଡି ପର୍ଯ୍ୟବେକ୍ଷକ ଅଂଶୁମାନ ରଶ୍ମିସାଗର, ରାଜ୍ୟ ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରତ୍ନାକର ସାମଲ, ରକ୍ତଦାତା ଅନୁପ୍ରେରକ ସଂଘ ସଭାପତି ବିରଞ୍ଚି ନାରାୟଣ ପାଣି, ବରିଷ୍ଠ ଟେକ୍ନିସିଆନ ବିଜୟ ସେନାପତି, ପରମାନନ୍ଦ ପଣ୍ଡା ପ୍ରମୁଖ ରକ୍ତ ସଂଗ୍ରହରେ ସହାୟତା କରିଥିଲେ।

# ମହାସତୀ ପୀଠକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦାବି

**ଆଠମଲ୍ଲିକ,୧୦।୧(ଡି.ଏନ୍.ଏ.)**

ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତ କୁରୁଗାଁ ନିକଟସ୍ଥ ପଞ୍ଚଧାରା ପାହାଡ଼ ପାଦଦେଶରେ ଅବସ୍ଥିତ ମା' ମହାସତୀ ଶକ୍ତିପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଦାବି ହୋଇଛି। ଏ ନେଇ ରବିବାର ଅଏଡା ଓ ଲୁହାସିଙ୍ଗା ପଞ୍ଚାୟତର ୧୮ ରାଜସ୍ୱ ମୌଜାର ସଭାପତି ଏବଂ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ପୀଠ ପରିସରରେ ବୈଠକ ବସିଥିଲା। ମା' ମହାସତୀ ଉନ୍ନୟନ କମିଟିର ସଭାପତି ଚିତ୍ତରଞ୍ଜନ କର୍ଣ୍ଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅଏଡା ସରପଞ୍ଚ ଦଶରଥ ପ୍ରଧାନ, ସମିତିସଭ୍ୟ ସୁଶାନ୍ତ ନାଏକ, ଲୁହାସିଙ୍ଗା ପଞ୍ଚାୟତ ପୂର୍ବତନ ସରପଞ୍ଚ ସୁଦର୍ଶନ ଗାଇଗରିଆ, ୧୮ ରାଜସ୍ୱ ମୌଜାର ସଭାପତି ଓ ସମ୍ପାଦକ, ମହାସତୀ ଉନ୍ନୟନ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଏବଂ ମାନ୍ୟଗଣ୍ୟ ବ୍ୟକ୍ତି।

ମା'ଙ୍କ ବାର୍ଷିକ ୨ଟି ଯାତ୍ରା ହୋଇଥିଲା। ଭାଦ୍ରବ ପୂର୍ଣ୍ଣମୀରେ ଡାଲଖାଇ ଓ ମାର୍ଗଶିର ପୂର୍ଣ୍ଣମୀରେ ଚୁଡାଖାଇ ଯାତ୍ରାରେ ବହୁ ଜନସମାଗମ ହୋଇଥାଏ। ବଣଜଙ୍ଗଲ ଘେରା ପଞ୍ଚଧାରା ପର୍ବତ ପାଦଦେଶରେ ଅବସ୍ଥିତି ଥିବାରୁ ଏହା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଛି। ସେହିପରି ଏହି ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀ ଭାବେ ଘୋଷଣା କରି ଏହାର ପାରିପାର୍ଶ୍ୱିକ ଉନ୍ନତିକରଣ କରାଯିବାକୁ ସରକାରଙ୍କୁ ବିଭିନ୍ନ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଉପଜିଲାପାଳ ଲଳିତ ମୋହନ ବେହେରାଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି।

# ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଦସ୍ତଖତ ଅଭିଯାନ

**ଅନୁଗୋଳ ଅଫିସ, ୧୦।୧**

ଅନୁଗୋଳ ଜିଲାରେ ସର୍ବ ପୁରାତନ ବିଏଡ୍ ପାଠ୍ୟକ୍ରମ ଏବେ ବନ୍ଦ ହେବାକୁ ଯାଉଛି। ଏଥିସହ ଜିଲାରେ ଥିବା ୧୭୦ ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟ କମ୍ ଉପସ୍ଥାପନ ଦର୍ଶାଇ ବନ୍ଦ କରାଯିବ ବୋଲି ଚକ୍ରାନ୍ତ କରାଯାଉଛି। ଏହାକୁ ବିରୋଧ କରି ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଅନୁଷ୍ଠାନ ପକ୍ଷରୁ କୁହାଯାଇଛି, ୧୯୫୫ରେ ଓଡ଼ିଶାର ଏକମାତ୍ର ସର୍ବାଧିକ ଛାତ୍ର ତାଲିମ୍ ନେଉଥିବା ଅନୁଗୋଳ ନବକୃଷ୍ଣ ଚୌଧୁରୀ ବି.ଏଡ୍. କଲେଜରେ ନାମଲେଖା ବନ୍ଦ ଏବଂ ଜିଲାରେ ୧୭୦ ପ୍ରାଥମିକ ବିଦ୍ୟାଳୟରେ ତାଲାପଡ଼ିବା ଏକ ଚକ୍ରାନ୍ତ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ ପାଇଁ ଦସ୍ତଖତ ସଂଗ୍ରହ ଅଭିଯାନ ସ୍ଥାନୀୟ କଲେଜ ଛକଠାରେ ଅନୁଷ୍ଠିତ ହୋଇଥିଲା। କମିଟିର ଆବାହକ ପ୍ରମୋଦ ପ୍ରଧାନ, କୁମୁଦ ଚନ୍ଦ୍ର ଦାଶ, ବସନ୍ତ କୁମାର ଦାସ, ସଭ୍ୟ ନିରୋଦ କୁମାର ସାହୁ, ବ୍ରଜବନ୍ଧୁ ସାହୁ, ସୁବାସ ପ୍ରଧାନ, ଜ୍ୟୋତ୍ସ୍ନା ସାମଲ, ବିଷ୍ଣୁ ସାହୁ, ନିରୁପମା ନାୟକ, କୁମାର ସାହୁ ପ୍ରମୁଖ ଦସ୍ତଖତ ଅଭିଯାନର ନେତୃତ୍ୱ ନେଇଥିଲେ।

# 'ମାନବାଧିକାର ସୁରକ୍ଷାରେ ଜାତିସଂଘ ଭୂମିକା ପ୍ରଶଂସନୀୟ'




ଉଫୁନାର ପ୍ରତିଷ୍ଠା ଦିବସରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୯।୧**

ଏକବିଂଶ ଶତାବ୍ଦୀର ପୃଥିବୀରେ ମାନବାଧିକାର ସୁରକ୍ଷା ସବୁଠାରୁ ବଡ଼ ପ୍ରସଙ୍ଗ ଭାବେ ଉଭା ହୋଇଛି। ଏହି କାର୍ଯ୍ୟରେ ଜାତିସଂଘର ଭୂମିକା ପ୍ରଶଂସନୀୟ ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ। ଢେଙ୍କାନାଳସ୍ଥିତ ଏକ ହୋଟେଲରେ ରବିବାର 'ଉଫୁନା'ର ୨୧ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ କହିଲେ, ବିଶ୍ୱବ୍ୟାପୀ କାର୍ଯ୍ୟକ୍ରମରେ ଜାତିସଂଘ ଯେଉଁ ମାନବୀୟ ସମ୍ବେଦନଶୀଳତା ସୃଷ୍ଟି କରିଛି, ତାହାର ତୁଳନା ନାହିଁ। ଉଫୁନାର ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ପଟ୍ଟନାୟକ କହିଲେ, ସେବାମୂଳକ ଅଭିଯାନର ପ୍ରଚାର ପ୍ରସାର ତଥା ସୂଚନା ବିତରଣ ନିମନ୍ତେ ୱାର୍ଲଡ ଫେଡେରେଶନ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏଶନ (ଉଫୁନା) ଗଠିତ ହୋଇଛି। ମାନବିକ ଅଧିକାରର ସୁରକ୍ଷା ଲାଗି ଏହା ସର୍ବଦା ଚେଷ୍ଟିତ।

ସଙ୍ଗଠନର ରାଜ୍ୟ ସମ୍ପାଦକ ବାହାଦୁର ପାଟସାହାଣୀ, ଉପେନ୍ଦ୍ର ରାଉତ, ଦିଲୀପ ନନ୍ଦ, ଡମ୍ବରୁଧର ପଣ୍ଡା, ସରୋଜ ଶତପଥୀ, ସୁରେନ୍ଦ୍ର ମିଶ୍ର, ଲୋକନାଥ ମହାପାତ୍ର, ବିଚିତ୍ରାନନ୍ଦ ମହାନ୍ତି, ସ୍ମିତା ସାମଲ, ସରିତା ପାଟସାହାଣୀ, ସୁକାନ୍ତି ସାହୁ, ଡ. ମାନସୀ କର, ବିଦ୍ୟାଧର ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ମତ ରଖିଥିଲେ। ମନୋଜ ମହ୍ଲୟ ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁଥ୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର

**ଛେଣ୍ଡିପଦା,୧୦।୧(ସ୍ୱ.ପ୍ର.):** ଅନୁଗୋଳ ଜିଲା ରେଡିୟମ୍ ୟୁଥ କ୍ଲବ ଆନୁକୂଲ୍ୟରେ ପାପିପରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ଜରଡ଼ା ସରପଞ୍ଚ ସୁଜାତା ସାହୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରାଇଥିଲେ। ମୋଟ ୭୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ୟୁଥ୍ କ୍ଲବର ସଭାପତି କ୍ଷୀରୋଦ ବେହେରାଙ୍କ ସମେତ ଗ୍ରାମର ଯୁବଗୋଷ୍ଠୀ ଶିବିର ପରିଚାଳନାରେ ସହାୟତା କରିଥିଲେ।



ଜଣେ ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

## ଖେଳ ଖବର

# ମାଛକୁଟାକୁ ହରାଇ କଣ୍ଟେଇକୋଳିଆ ଚାମ୍ପିୟନ



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

**ବଇଣ୍ଡା,୧୦।୧(ଡି.ଏନ୍.ଏ.)**

ଆଠମଲ୍ଲିକ ବ୍ଲକ ପେଡିପଥର ଗ୍ରାମରେ ଶନିବାର ମା' କନକାଇ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପେଡିପଥର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଆଠମଲ୍ଲିକ, ମାଧପୁର, ପାପସରା, ମାଛକୁଟା, କଣ୍ଟେଇକୋଳିଆ, ପେଡିପଥର ଆଦି ୮ଦଳ ଅଂଶଗ୍ରହଣ କରିଥିଲେ। ମାଛକୁଟାକୁ ୨-୧ ସେଟ୍‌ରେ ହରାଇ କଣ୍ଟେଇକୋଳିଆ ଚାମ୍ପିୟନ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଭାବନୀ ଶଙ୍କର ମିଶ୍ର, ଗୋଲକ ବିହାରୀ ସାହୁ, ବୀରେନ କୁମାର ପ୍ରଧାନ, ଅଙ୍କେଶ ଦେହୁରୀ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦଳେଇ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ, ଦିଲୀପ ସାହୁ ଉପସ୍ଥିତ ଥିଲେ।

# ମା' ହିଙ୍ଗୁଳାଇ କପ୍ କ୍ରିକେଟ୍: ଲୁହାମୁଣ୍ଡା ଚାମ୍ପିୟନ

**ବଇଣ୍ଡା, ୧୦।୧(ଡି.ଏନ୍.ଏ.)**

କିଶୋରନଗର ବ୍ଲକ ଲୁହାମୁଣ୍ଡା ଖେଳପଡ଼ିଆରେ ଚାଲିଥିବା ମା' ହିଙ୍ଗୁଳାଇ କପ୍ କ୍ରିକେଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ହଣ୍ଡପା କ୍ରିକେଟ କ୍ଲବକୁ ହରାଇ ଲୁହାମୁଣ୍ଡା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ହଣ୍ଡପା ପ୍ରଥମେ ବ୍ୟାଟିଂ କରି ୯୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଲୁହାମୁଣ୍ଡା ୯୮ ରନ୍ କରି ଚାମ୍ପିୟନ ହୋଇଛି। ବିଜୟୀ ଦଳର ଆସ୍ତିକ ବେହେରା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଅଜିତ କୁମାର ଦେହୁରୀ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଗ୍ରାମ ସଭାପତି କିଶୋରୀ ଚନ୍ଦ୍ର ସାହୁ, ସମ୍ପାଦକ ଲଳିତ ସାହୁ ଯୋଗ ଦେଇଥିଲେ। ଅନ୍ତର୍ଯ୍ୟାମୀ ରାଉଳ, କାହ୍ନା ସାହୁ, ଶାନ୍ତନୁ ସାହୁ, ଗୁଲୁ ସାହୁ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳି।

# ଠୋକରକୁ ହରାଇ ହିନ୍ଦୋଳ ଚାମ୍ପିୟନ

**ହିନ୍ଦୋଳ, ୧୦।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ସଳତୀ ପଡ଼ିଆରେ ବିବେକାନନ୍ଦ ୟୁଥ୍ କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ଏକତରଫା ଫାଇନାଲ ମ୍ୟାଚ୍‌ରେ ଠୋକର ମା' ପୀତାବଳି ଦଳକୁ ହରାଇ ହିନ୍ଦୋଳ ଏମ୍‌ଆରସି ଚାମ୍ପିୟନ ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହିନ୍ଦୋଳ ନିର୍ଦ୍ଧାରିତ ୧୫ ଓଭରରେ ୨୩୦ ରନ ସଂଗ୍ରହ କରିଥିଲା। ଠୋକର ୭ ଉଇକେଟ ହରାଇ ମାତ୍ର ୧୧୦ ରନ କରିବାକୁ ସକ୍ଷମ ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ ହଜାର ଏବଂ ରନର୍ସ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ହିନ୍ଦୋଳର କାହ୍ନା ପଟ୍ଟନାୟକ 'ମ୍ୟାନ ଅଫ ଦି ସିରିଜ' ଏବଂ 'ମ୍ୟାନ ଅଫ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ପ୍ରସନ୍ନ ବେହେରା, ମୁରଲୀ ସାହୁ ଖେଳ ପରିଚାଳନା କରିଥିବାବେଳେ ମଳୟ ସାହୁ ଧାରା ବିବରଣୀ ଦେଇଥିଲେ। ପ୍ରକାଶ କୁମାର ସ୍କୋରର ରହିଥିଲେ। ଅଜିତ ସାହୁ, ମହି ନାୟକଙ୍କ ସମେତ ବ୍ଲକର ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଗତ ୩୦ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ।

# ସ୍ୱାଗତ ରଞ୍ଜନ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ମାଧପୁର,୧୦।୧**

ଆଠମଲ୍ଲିକ ବ୍ଲକ ମାଧପୁର ଖେଳ ପଡ଼ିଆରେ ସ୍ୱାଗତ ରଞ୍ଜନ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସଚ୍ଚିଦାନନ୍ଦ ମହାନ୍ତି, ମାଧପୁର ସରପଞ୍ଚ ଗଣେଶ୍ୱର ଜେନା ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଅନୁଗୋଳ (ନାଲ୍‌କୋ) ଏବଂ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମ ପର୍ଯ୍ୟାୟ ଗୋଲ ଶୂନ୍ୟ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଅନୁଗୋଳ ୧-୦ରେ ବିଜୟୀ ହୋଇଥିଲା। ମୁଖ୍ୟ ରେଫରି ଭାବେ ସୁବ୍ରତ ପୁରୋହିତ ଯୋଗ ଦେଇଥିଲେ। ସକାଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ମଶାଲ ଆଣି ପଡ଼ିଆରେ ସ୍ଥାପନ କରାଯାଇଥିଲା। ଏହି ଅବସରରେ ପୂର୍ବତନ ଫୁଟବଲ ଖେଳାଳି ସୁରେନ୍ଦ୍ର ମହାପାତ୍ର, ନିରଞ୍ଜନ ପ୍ରଧାନ, ହିମାଂଶୁ ପ୍ରଧାନ, ଜଗାନନ୍ଦ ପ୍ରଧାନ, ଶରତ ମହାନ୍ତି, ପବିତ୍ର ମୋହନ ସାହୁ, ଅମର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ସଂସଦ ସମ୍ପାଦକ ମନୋଜ ପ୍ରଧାନ ସଂଯୋଜନା କରିଥିବା ବେଳେ ସଂସଦର ସଭାପତି ଅଜିତ ଆଚାର୍ଯ୍ୟ, ଉପସଭାପତି ଶଶିଭୂଷଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

